StudentBounty.com

No. of Questions : 50]

No. of Printed Pages : 7]

Booklet Sl. No. : ..............................

Roll No. of the Candidate

| | | | | | | | |
|---|---|---|---|---|---|---|---|
| | | | | | | | |

PAR
OBJECT

**2014**
**AH**

[Time : 1 Hou
[Full Marks : 50

**REGULAR**
**AR – 01 – FLO**

**SET : A**

**FLO**
**FL – ODIA**

**THE CANDIDATES SHALL TAKE AWAY THIS QUESTION BOOKLET (PART - I) AFTER THE EXAMINATION OF THIS SUBJECT IS OVER.**

**ଉକ୍ତ ପରୀକ୍ଷା ସରିବାପରେ ଏହି ପ୍ରଶ୍ନପତ୍ର ପୁସ୍ତିକାଟି (ପାର୍ଟ - I)କୁ ପରୀକ୍ଷାର୍ଥୀମାନେ ସାଥିରେ ନେବେ ।**

## ନିର୍ଦ୍ଦେଶାବଳୀ

୧. ଏହି ପ୍ରଶ୍ନପତ୍ର ପୁସ୍ତିକାରେ ୫୦ଟି ବହୁ ବିକଳ୍ପ ଉତ୍ତର ବିଶିଷ୍ଟ ପ୍ରଶ୍ନ ରହିଛି ।

୨. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି, ସେଥି ମଧ୍ୟରୁ ଗୋଟିଏ ଠିକ୍ ।

୩. ପ୍ରତ୍ୟେକ ପ୍ରଶ୍ନର ଠିକ୍ ଉତ୍ତରଟିକୁ ବାଛି OMR ଉତ୍ତର ଫର୍ଦ୍ଦରେ ଥିବା ସଂପୃକ୍ତ ବୃତ୍ତଟିକୁ କଳା / ନୀଳ ବଲ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ କଳା କର । କେବଳ ଗୋଟିଏ ବୃତ୍ତକୁ କଳା କର । ଦୁଇଟି ବା ଅଧିକ ବୃତ୍ତକୁ କଳା କଲେ ତାହା ନାକଚ ହୋଇଯିବ ।

୪. ଆଂଶିକ ନୀଳ / କଳା କରାଯାଇଥିଲେ ତାହା ମଧ୍ୟ ମୂଲ୍ୟାୟନ ହୋଇପାରିବ ନାହିଁ ।

୫. OMR ଉତ୍ତର ଫର୍ଦ୍ଦ ଗୁଡ଼ିକୁ କମ୍ପ୍ୟୁଟର ଦ୍ୱାରା ମୂଲ୍ୟାୟନ କରାଯିବ ।

୬. OMR ଫର୍ଦ୍ଦରେ କୌଣସି ଦାଗ ଲାଗିଥିଲେ, ଚିରା ଫଟା ଥିଲେ, ମୋଡ଼ି ମକଚି ହୋଇଥିଲେ କିମ୍ବା ଛପା ଅସ୍ପଷ୍ଟଥିଲେ ତାହାକୁ ତତ୍କ୍ଷଣାତ୍ ପରୀକ୍ଷା ଦାୟିତ୍ୱରେ ଥିବା ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ଠିକ୍ OMR ଉତ୍ତର ଫର୍ଦ୍ଦ ମାଗିନିଅ ।

୭. ଏହି ପ୍ରଶ୍ନପତ୍ର ପୁସ୍ତିକା ଉପର ପୃଷ୍ଠାରେ ମୁଦ୍ରିତ ଥିବା ପୃଷ୍ଠାସଂଖ୍ୟା, ପ୍ରଶ୍ନସଂଖ୍ୟା, ସେଟ୍‌କୋଡ୍ ଆଦି ପ୍ରତିପୃଷ୍ଠାରେ ଠିକ୍ ଅଛି କି ନାହିଁ ମିଳାଇନିଅ । ଯଦି କୌଣସି ତ୍ରୁଟି ଥାଏ ତେବେ ତାହାକୁ ଫେରାଇ ଆଉ ଗୋଟିଏ ଠିକ୍ ପ୍ରଶ୍ନପତ୍ର ସଙ୍ଗେ ସଙ୍ଗେ ମାଗିନିଅ ।

୮. ପ୍ରଶ୍ନପତ୍ର ପୁସ୍ତିକାର ଉଦ୍ଦିଷ୍ଟ ସ୍ଥାନରେ କେବଳ ରୋଲ ନମ୍ବର ଲେଖ । ରଫ୍ କରିବାସ୍ଥାନ ବ୍ୟତୀତ ଅନ୍ୟ କୌଣସି ପୃଷ୍ଠାରେ ଲେଖାଲେଖି କରାଯିବ ନାହିଁ ।

୯. ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଅନୁସାରେ ପରୀକ୍ଷା ଗୃହରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଆବଶ୍ୟକ ।

୧୦. ପରୀକ୍ଷା ଶେଷ ନ ହେବା ପୂର୍ବରୁ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଗୃହ ଛାଡି ପାରିବେ ନାହିଁ । ନିର୍ଦ୍ଦେଶକ୍ରମେ ଉତ୍ତର କରିଥିବା OMR ଫର୍ଦ୍ଦଟିକୁ ନିରୀକ୍ଷକଙ୍କୁ ହସ୍ତାନ୍ତର କରିବେ ।

## INSTRUCTIONS

1. This question booklet contains 50 (fifty) Multiple Choice Questions (MCQ).
2. Each question has four (04) probable answers, out of which only one is correct.
3. Select the correct answer and darken the appropriate circle completely in the OMR sheet with Blue/Black ball point pen only. Darken only one circle and darkening two or more circles shall lead to rejection of the answer.
4. Partial / incomplete darkened circles shall not be evaluated by the computer.
5. The OMR answer sheets shall be evaluated by the computer.
6. In case the OMR sheet is stained, torn, crumpled, mutilated, distorted, not properly printed in any manner or otherwise appears defective, the same shall be returned immediately to the invigilator and another correct OMR sheet be obtained.
7. Verify carefully whether the No. of printed pages, No. of questions, Set code etc. printed on the cover page matches with this booklet. In case of any defect / discrepancy, exchange the defective one immediately to obtain another correct question booklet.
8. Write your Roll No. in the space provided. Do not write / scribble anything on any part of this booklet except the space provided for doing the rough work.
9. Discipline must be maintained in the examination hall as per the provisions of the Odisha Conduct of Examination Act, 1988.
10. No candidate shall be allowed to leave the examination hall before the examination is over. The candidates must hand over the OMR sheet to the invigilator when instructed.

StudentBounty.com



# ପ୍ରଥମଭାଷା ଓଡ଼ିଆ (ବିଭାଗ – 'କ')

**ସମୟ – ୬୦ ମିନିଟ୍** **ପୂର୍ଣ୍ଣସଂଖ୍ୟା – ୫୦**

## ନିର୍ଦ୍ଦେଶାବଳୀ

**୧. ଏଥିରେ ୫୦ଟି ବହୁବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ଦିଆଯାଇଛି । ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତା ମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ ।**

**୨. ପ୍ରତ୍ୟେକ ପ୍ରଶ୍ନପାଇଁ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତର ଫର୍ଦ୍ଦରେ ଥିବା ଗୋଲାକାର ଅଂଶକୁ କଳା / ନୀଳ ବଲ ପଏଣ୍ଟ ପେନ୍ ଦ୍ୱାରା ସଂପୂର୍ଣ୍ଣ ଭାବେ କଳା କର ।**

1. ମୈତ୍ରୀର ଧ୍ୱଜା କେତେବେଳେ ଉଡ଼ିବ ବୋଲି ପ୍ରବନ୍ଧରେ କୁହାଯାଇଛି ?
   (A) ଯେତେବେଳେ ବିଭିନ୍ନ ରୋଗ ଓ ରୋଗର ଜୀବାଣୁ ନଷ୍ଟ କରାଯାଇ ପାରିବ ।
   (B) ଯେତେବେଳେ ପୃଥିବୀ-ତତ୍ତ୍ୱ ସମ୍ପର୍କରେ ଜ୍ଞାନଲାଭ ସମ୍ଭବ ହେବ ।
   (C) ଯେତେବେଳେ ମାନବର ଈଶ୍ୱର ବିଶ୍ୱାସ ବଢ଼ିଯିବ ।
   (D) ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ଜାଣି ହେବ ।

2. ସାର ମାଉସୀ ଲେଖକଙ୍କୁ ଆଗେ କ'ଣ କହି ପଚାରୁଥିଲା ?
   (A) କେବେ ଆସିଲ ବାବୁ ? (B) କେବେ ଆସିଲୁ ବାପା ?
   (C) କେବେ ଆସିଲ ଆଜ୍ଞା ? (D) କେବେ ଆସିଲ ପୁଅ ?

3. ଗଣିତଶାସ୍ତ୍ର ବିଜ୍ଞାନର କେଉଁ ବିଭାଗର ଅନ୍ତର୍ଗତ ?
   (A) ଜଡ଼ ବିଜ୍ଞାନ (B) ପ୍ରାଣୀ ବିଜ୍ଞାନ
   (C) ଉଦ୍ଭିଦ ବିଜ୍ଞାନ (D) କୃଷି ବିଜ୍ଞାନ

4. କେଉଁ ମାନଙ୍କୁ 'ରିଙ୍ଗ୍ ଲିଡ଼ର' କୁହାଯାଉଥିଲା ?
   (A) ଦେଶଭକ୍ତଙ୍କୁ (B) ସେନାବାହିନୀକୁ
   (C) ମାତୃଭାଷା ଚିନ୍ତକଙ୍କୁ (D) ରାଜନେତାଙ୍କୁ

5. କ'ଣ ଦେଖି ବିବେକାନନ୍ଦଙ୍କ ହୃଦୟ ବିଗଳିତ ହୋଇଥିଲା ?
   (A) ଆଦିବାସୀମାନଙ୍କର ଅସହାୟ ଅବସ୍ଥାକୁ ଦେଖି
   (B) ଭୋକିଲା ଲୋକଙ୍କର ଦୁଃଖ ଦେଖି
   (C) ମନ୍ଦିରର ଧ୍ୱଂସାବଶେଷ ଦେଖି
   (D) ଜନସାଧାରଣଙ୍କ ଶିକ୍ଷାପ୍ରତି ଉଦାସୀନତାକୁ ଦେଖି

6. ସନ୍ନ୍ୟାସୀର କେଉଁ ଧର୍ମକୁ ବିବେକାନନ୍ଦ ବାଛି ନେଇଥିଲେ ?
   (A) ଦୟାଧର୍ମ (B) ଜାତିଧର୍ମ
   (C) ଦାନଧର୍ମ (D) ସେବାଧର୍ମ

StudentBounty.com

7. କେଉଁଟି ବ୍ୟାସକବି ଫକୀର ମୋହନ ସେନାପତିଙ୍କର ରଚ଼ନା ନୁହେଁ ?

(A) ପ୍ରାୟଶ୍ଚିତ୍ତ (B) ମାମୁଁ

(C) ପୁଷ୍ପମାଳା (D) କେଦାରଗୌରୀ

8. 'କନକଲତା' ଉପନ୍ୟାସର ରଚ଼ୟିତା କିଏ ?

(A) ଗଙ୍ଗାଧର ମେହେର (B) ଫକୀର ମୋହନ ସେନାପତି

(C) ନନ୍ଦକିଶୋର ବଳ (D) ରାଧାନାଥ ରାୟ

9. ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା କିଏ ?

(A) ଭଗବତୀ ଚ଼ରଣ ପାଣିଗ୍ରାହୀ (B) କାଳିନ୍ଦୀ ଚ଼ରଣ ପାଣିଗ୍ରାହୀ

(C) ମାୟାଧର ମାନସିଂହ (D) ରାଧାମୋହନ ଗଡ଼ନାୟକ

10. 'ନିଆଁଖୁଣ୍ଟା' କିଏ ସମ୍ପାଦନା କରୁଥିଲେ ?

(A) କେଦାର ନାଥ ମହାପାତ୍ର (B) ଗୋଦାବରୀଶ ମହାପାତ୍ର

(C) ଗୋପବଂଧୁ ଦାସ (D) ନୀଳକଣ୍ଠ ଦାସ

11. ଲକ୍ଷ୍ମଣକୁମାର କାହା ପୁତ୍ର ଥିଲେ ?

(A) ଦୁର୍ଯ୍ୟୋଧନ (B) କର୍ଣ୍ଣ

(C) ଅର୍ଜୁନ (D) ଭୀମ

12. ନିଜ ସନ୍ତାନ କେଉଁ ବୃକ୍ଷ ସଙ୍ଗେ ସମାନ ଥିଲେ ବୋଲି ଦୁର୍ଯ୍ୟୋଧନ କହିଥିଲେ ?

(A) ଅଶ୍ୱତ୍ଥ ବୃକ୍ଷ (B) ଆମ୍ରବୃକ୍ଷ

(C) କଳ୍ପବୃକ୍ଷ (D) ବଟବୃକ୍ଷ

13. ମାନଗୋବିନ୍ଦ କାହାକୁ ପ୍ରଶଂସାକରି 'ସାଧୁସାଧୁ' କହିଲେ ?

(A) ଦ୍ରୌପଦୀଙ୍କୁ (B) ଅଶତ୍ଥମାଙ୍କୁ

(C) ଅଭିମନ୍ୟୁଙ୍କୁ (D) ଲକ୍ଷ୍ମଣକୁମାରଙ୍କୁ

14. ରାବଣର ବାର୍ତ୍ତାନେଇ ଅଙ୍ଗଦ ନିକଟକୁ କିଏ ଆସିଥିଲେ ?

(A) ହନୁମାନ (B) ଶୁକସାରଣ

(C) ସୁଗ୍ରୀବ (D) ଲକ୍ଷ୍ମଣ

15. ବରୁଣଙ୍କୁ ପ୍ରସନ୍ନ କରିବାପାଇଁ ରାମଚ଼ନ୍ଦ୍ର କେଉଁ ଶଯ୍ୟାରେ ଶୟନ କରିଥିଲେ ?

(A) କୁଶଶଯ୍ୟା (B) ଶିଳାଶଯ୍ୟା

(C) ପୁଷ୍ପଶଯ୍ୟା (D) ବାଲୁକାଶଯ୍ୟା

StudentBounty.com



16. ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ – ଏକଥା କାହାକୁ ଲକ୍ଷ୍ୟକରି କୁହାଯାଇଛି ?
   (A) କବିସୂର୍ଯ୍ୟ ବଳଦେବ ରଥ (B) କବିବର ରାଧାନାଥ ରାୟ
   (C) ଭକ୍ତକବି ମଧୁସୂଧନ ରାଓ (D) ପ୍ରକୃତିକବି ଗଙ୍ଗାଧର ମେହେର

17. ସୀତାଙ୍କର ଅନ୍ୟନାମ 'ବୈଦେହୀ' ହେବାର କାରଣ କ'ଣ ?
   (A) ବିଦେଶିନୀ କନ୍ୟା ହୋଇଥିବାରୁ
   (B) ବିଦେହର କନ୍ୟା ହୋଇଥିବାରୁ
   (C) ଦେହ ହୀନା କନ୍ୟା ହୋଇଥିବାରୁ
   (D) ବିଶେଷ ଦେହଧାରିଣୀ କନ୍ୟା ହୋଇଥିବାରୁ

18. ସୀତାଙ୍କୁ ପାଇ କିଏ ନିଜକୁ ଭାଗ୍ୟବତୀ ମନେକରିଥିଲେ ?
   (A) ଅନୁକମ୍ପା (B) ମୁନିକନ୍ୟା
   (C) ତମସାନଦୀ (D) ଉଷାଦେବୀ

19. କେଉଁଠାରେ ଅମରଗାନ କରିବା ପାଇଁ କବି କହିଛନ୍ତି ?
   (A) ରାଜଦ୍ୱାରରେ (B) ମରଣ ଦୁଆରେ
   (C) ତୀର୍ଥକ୍ଷେତ୍ରରେ (D) ଯୁଦ୍ଧକ୍ଷେତ୍ରରେ

20. ନଈ, ସମୁଦ୍ରରେ ମାଟି ମା' କ'ଣ ରଖିଛନ୍ତି ବୋଲି କବି କହିଛନ୍ତି ?
   (A) ମାଛ (B) ଦୁଃଖକଥା
   (C) ଜାହାଜ (D) ହସକଥା

21. 'ବୁଢ଼ା ଦାଢ଼ି ରଖିଛି କାହିଁକି ବାପା ?' – ଏ ପ୍ରଶ୍ନଟି କାହାର ?
   (A) ମୁନ୍ନାର (B) ମୁନ୍ନିର
   (C) ମିଶ୍ରବାବୁଙ୍କର (D) ଜୟଦେବଙ୍କର

22. ଝିଅ ଓ ନାତି ନାତୁଣୀଙ୍କୁ ରେଳଗାଡ଼ିରେ ବସାଇଦେବା ପାଇଁ ଜୟଦେବ କେଉଁ ଷ୍ଟେସନକୁ ଯାଇଥିଲେ ?
   (A) ସମ୍ବଲପୁର (B) ତାଳଚେ଼ର
   (C) କେସିଙ୍ଗା (D) ରାଉରକେଲା

23. ରାଜନୀତିର ଷଡ଼ଯନ୍ତ୍ରକୁ କ'ଣ ବୋଲି କୁହାଯାଇଛି ?
   (A) ବ୍ରହ୍ମାସ୍ତ୍ର (B) ପରମାଣୁଅସ୍ତ୍ର
   (C) ମାରଣାସ୍ତ୍ର (D) କ୍ଷେପଣାସ୍ତ୍ର

24. 'ଆପଣ କ'ଣ ଇତିହାସ ପୁରୁଷ ?' – ଏ କଥା କିଏ କହିଥିଲେ ?
   (A) ଅଶୋକ (B) ଅଙ୍ଗଦ
   (C) କଳିଙ୍ଗସେନା (D) ରାଜେଶ୍ୱରୀ

StudentBounty.com



25. 'ହଁ, ସଂସାରଟା ଆଉ କ'ଣ ? ତତଲା ଲୁହା କରେଇ ତ' – ଏମିତି କିଏ ଭାବିଛନ୍ତି ?

(A) ନଟବରବାବୁ (B) ହରିଗୁଡ଼ିଆ

(C) ବନ୍ଧୁଷଡ଼ଙ୍ଗୀ (D) ମଧୁତିଆଡ଼ି

26. ନରସିଂହ ଦେବ କେଉଁ ଦେବତାଙ୍କୁ ସ୍ୱୟଂ ନାରାୟଣ ବୋଲି କହିଛନ୍ତି ?

(A) ବରୁଣ (B) କୁବେର

(C) ସୂର୍ଯ୍ୟ (D) ଚନ୍ଦ୍ର

27. 'ବିଳମ୍ବ ହେଲେ ହେଁ ସତ୍ୟ ଓ ଧର୍ମର ଜୟ ସୁନିଶ୍ଚିତ ।' – ଏକଥା କିଏ କହିଥିଲେ ?

(A) ତିଳୋତ୍ତମା (B) ସୁନ୍ଦ

(C) ଉପସୁନ୍ଦ (D) ଇନ୍ଦ୍ର

28. 'ତୁମରି ପ୍ରସାଦରୁ ଦାନବ ଦଳନ ହେଲା ବୋଲି ତୁମର ନାମ ଦାନବ ଦଳିନୀ ।' – ଏକଥା ଇନ୍ଦ୍ରଦେବ କାହାକୁ କହିଥିଲେ ?

(A) ଉର୍ବଶୀଙ୍କୁ (B) ମେନକାଙ୍କୁ

(C) ତିଳୋତ୍ତମାଙ୍କୁ (D) ରମ୍ଭାଙ୍କୁ

29. ଶାମ୍ବ ସୂର୍ଯ୍ୟପୂଜା କରିଥିଲେ କାହିଁକି ?

(A) ମଣିଷର ମଙ୍ଗଳ ପାଇଁ (B) କୁଷ୍ଠବ୍ୟାଧିରୁ ମୁକ୍ତ ହେବା ପାଇଁ

(C) ପୃଥିବୀର ମଙ୍ଗଳ ପାଇଁ (D) ରୌଦ୍ରତାପରୁ ରକ୍ଷାପାଇବା ପାଇଁ

30. 'ଦେଉଳର ଘନ କେନ୍ଦ୍ର ସହିତ ଦଧିନଉତି ଗୋଟିଏ ସରଳରେଖାରେ ରହିପାରୁନି ।' – ଏକଥା କିଏ ଭାବିଥିଲା ?

(A) ନରସିଂହଦେବ (B) ଶିବେଇ ସାନ୍ତରା

(C) ଧରମା (D) ବିଶୁମହାରଣା

31. ବାକ୍ୟରେ ଥିବା ଗୋଟିଏ ପଦ ଅନ୍ୟ ପଦଗୁଡ଼ିକର ଅର୍ଥବୋଧକତା ପାଇଁ ଅପେକ୍ଷା କଲେ, ତାହାକୁ କ'ଣ କୁହାଯାଏ ?

(A) ବାକ୍ୟାଂଶ (B) ଆକାଂକ୍ଷା

(C) ଯୋଗ୍ୟତା (D) ଆସତ୍ତି

32. 'ରମେଶଙ୍କ ବିନା ଏ କାମ ହୋଇପାରିବ ନାହିଁ ।' – ଏ ବାକ୍ୟରେ 'ବିନା' କି ପଦ ?

(A) ବିଶେଷ୍ୟ (B) ବିଶେଷଣ

(C) କ୍ରିୟା (D) ଅବ୍ୟୟ

StudentBounty.com



33. ଦୁଇ ବା ତତୋଽଧିକ ପରସ୍ପର ସାପେକ୍ଷ ଖଣ୍ଡବାକ୍ୟର ସମନ୍ୱୟରେ ଯେଉଁ ବାକ୍ୟ ଗଠିତ ହୁଏ, ତାକୁ କି ବାକ୍ୟ କହନ୍ତି ?

(A) ଜଟିଳ (B) ସରଳ

(C) ଯୌଗିକ (D) ମିଶ୍ର

34. ଆଜି କି ଟାଣ ଖରା ! – ଏହା କି ପ୍ରକାର ବାକ୍ୟ ?

(A) ପ୍ରଶ୍ନସୂଚକ (B) ବିବୃତି ସୂଚକ

(C) ବିସ୍ମୟ ସୂଚକ (D) ନାସ୍ତି ସୂଚକ

35. ବିଜୟ କଲିକତା ଯିବ । – ଏହା କି ପ୍ରକାର ବାକ୍ୟ ?

(A) କର୍ମବାଚ୍ୟ (B) କର୍ତ୍ତୃବାଚ୍ୟ

(C) ଭାବବାଚ୍ୟ (D) କର୍ମ ଓ ଭାବ ବାଚ୍ୟ ଉଭୟ

36. ଜାଣିବାକୁ ଇଚ୍ଛା କରୁଥିବା ଛାତ୍ର ବିଦ୍ୟାଲାଭ କରିବ । ରେଖାଙ୍କିତ ପଦକୁ ସଂକ୍ଷେପ କଲେ କ'ଣ ହେବ ?

(A) ଜିଜ୍ଞାସୁ (B) ଜ୍ଞାନୀ

(C) ଜ୍ଞାନବାନ (D) ଜ୍ଞାନପିପାସୁ

37. ପଦ ମଧ୍ୟରେ 'ନ' ସ୍ଥାନରେ 'ଣ' ହେବାକୁ କ'ଣ କୁହାଯାଏ ?

(A) ଷତ୍ୱବିଧି (B) ଣତ୍ୱବିଧି

(C) ସନ୍ଧି (D) ବର୍ଣ୍ଣରୂପ

38. ଅହିନକୁଳ ସମ୍ପର୍କ – ଏହା କି ପ୍ରକାର ରୂଢ଼ି ?

(A) ଉପମାଯୁକ୍ତ (B) କ୍ରିୟାହୀନ

(C) କ୍ରିୟାଯୁକ୍ତ (D) ତୁଳନାତ୍ମକ

39. 'ବହୁ ଅବାନ୍ତର କଥା କହିବା' ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟିକୁ ଚିହ୍ନାଅ ।

(A) ଆକାଶ କୁସୁମ (B) ଅନ୍ଧବୁଝାମଣା

(C) କୁହାମୁଣ୍ଡା କପିଳା (D) କୁମ୍ଭୀର କାନ୍ଦଣା

40. 'କପାଳ ଫାଟିବା' – ଏ ରୂଢ଼ିଟିର ଅର୍ଥ କ'ଣ ?

(A) ଠକିଦେବା (B) ସର୍ବନାଶ ହେବା

(C) ମଳିନ ପଡିବା (D) ଚିନ୍ତିତ ହେବା

41. 'ଇଚ୍ଛା ଅନୁସାରେ ସୁବିଧା ମିଳିବା' – ଏହି ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟି ବାଛ ।

(A) ସୁଅ ମୁହଁରେ ପଡ଼ିବା (B) କପାଳ ଖୋଲିବା

(C) ଗୋଡ଼ଟେକି ବସିବା (D) ବିରାଡ଼ି କପାଳକୁ ଶିକା ଛିଣ୍ଡିବା

StudentBounty.com



42. 'ଅଣ୍ଡିଛୁରୀ ତଣ୍ଟିକାଟେ' – ଏହି ଲୋକବାଣୀଟିର ଅର୍ଥ କ'ଣ ?
(A) ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହେବା
(B) ଆତ୍ମୀୟଲୋକ ଶତ୍ରୁତା ଆଚରଣ କରିବା
(C) ଅଭିଜ୍ଞତାରୁ ସତର୍କ ହେବା
(D) ସାମାନ୍ୟ କାମ ପାଇଁ ବହୁଶ୍ରମ କରିବା

43. 'ସାଧନା ହିଁ ସିଦ୍ଧିର ଜନକ' – ଏହି ଅର୍ଥ ବୁଝାଉଥିବା ଲୋକବାଣୀଟି କ'ଣ ?
(A) ଖୋଳ ପର୍ବତ ମାର ମୂଷା
(B) ଅଳସୁଆର ବାରବାଟୀ ଚାଷ
(C) ଜୋର ଯା'ର ମୁଲକ ତା'ର
(D) କଷ୍ଟକଲେ କୃଷ୍ଣମିଳେ

44. ରାମକେରୀ ଛନ୍ଦରେ ଗୋଟିଏ ପାଦରେ କେତୋଟି ଅକ୍ଷରଥାଏ ?
(A) ନଅ
(B) ବାର
(C) ଷୋହଳ
(D) କୋଡ଼ିଏ

45. ଶଙ୍କରାଭରଣ ଛନ୍ଦରେ କେତୋଟି ପାଦ ଥାଏ ?
(A) ଦୁଇ
(B) ଚାରି
(C) ଛଅ
(D) ଆଠ

46. ଭିନ୍ନାର୍ଥ ବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ କେଉଁ ଅଳଙ୍କାର କୁହାଯାଏ ?
(A) ଅନୁପ୍ରାସ
(B) ଶ୍ଳେଷ
(C) ଯମକ
(D) ଉପମା

47. ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍‌ଗତ,
ନୀର ଭେଦି କିବା ଉଠେ ଐରାବତ । – ଏଠାରେ କେଉଁ ଅଳଙ୍କାର ପ୍ରଯୁକ୍ତ ?
(A) ଉପମା
(B) ରୂପକ
(C) ଯମକ
(D) ଉତ୍‌ପ୍ରେକ୍ଷା

48. 'ଖଣ୍ଡଖଣ୍ଡ ଧଳାମେଘ ସୁନୀଳ ଅମ୍ବରେ,
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।' – ଏଥିରେ ଥିବା ଉପମାବାଚକ ଶବ୍ଦଟି ବାଛ ।
(A) ଯଥା
(B) ଖଣ୍ଡଖଣ୍ଡ
(C) ନୀଳ
(D) ମେଘ

49. ଶୁଦ୍ଧ ଶବ୍ଦଟିକୁ ବାଛ ।
(A) ଶୀକ୍ଷୟିତ୍ରୀ
(B) ଶିକ୍ଷୟିତ୍ରୀ
(C) ଶିକ୍ଷ୍ୟୟିତ୍ରୀ
(D) ଶିକ୍ଷୟୀତ୍ରି

50. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ଶବ୍ଦ ?
(A) ଶୁଶ୍ରୂଷା
(B) ଶୁଶ୍ରୁଷା
(C) ଶୁଶ୍ରୁଷା
(D) ଶୁଶ୍ରୂଷା

❖